# NATIONAL NEWS BULLETIN (ODIA)

## 8 October - 2025

## Morning Bulletin : 7.15 A.M.

******************************

## ମୁଖ୍ୟ ସମ୍ବାଦ

- ଇଣ୍ଡିଆ ମୋବାଇଲ୍ କଂଗ୍ରେସକୁ ଆଜି ନୂଆଦିଲ୍ଲୀରେ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ମୁମ୍ବାଇ ଠାରେ ଆଜି ପ୍ରଧାନମନ୍ତ୍ରୀ ବିବିଧ ବିକାଶ ମୂଳକ ପ୍ରକଳ୍ପର କରିବେ ଶୁଭାରମ୍ଭ ।
- ଆଜିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ।
- ହିମାଚଳ ପ୍ରଦେଶରେ ଭୂସ୍ଖଳନ ଯୋଗୁଁ ଏକ ଯାତ୍ରୀବାହି ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୫ ଜଣଙ୍କର ମୃତ୍ୟୁ ।

ଏବଂ

- ଆଇ.ସି.ସି. ମହିଳା କ୍ରିକେଟ୍ ବିଶ୍ୱକପ୍‌ର ଗତକାଲିର ମ୍ୟାଚ୍‌ରେ ବାଂଲାଦେଶକୁ ୪ ୱିକେଟ୍‌ରେ ପରାସ୍ତ କଲା ଇଂଲଣ୍ଡ ।

# ପିଏମ୍-ଆଇଏମ୍ସି ୨୦୨୫

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଏସିଆର ପ୍ରମୁଖ ଟେଲିକମ୍ ଏବଂ ଟେକ୍ ଇଭେଣ୍ଟ – ଇଣ୍ଡିଆ ମୋବାଇଲ୍ କଂଗ୍ରେସକୁ ଉଦ୍‌ଘାଟନ କରିବେ । ନୂଆଦିଲ୍ଲୀର ଯଶୋଭୂମି ସମ୍ମେଳନ କେନ୍ଦ୍ରରେ ଏହି ୪ ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହାର ବିଷୟବସ୍ତୁ ରହିଛି, ପରିବର୍ତ୍ତନ ପାଇଁ ଉଦ୍‌ଭାବନ । ଏହି କାର୍ଯ୍ୟକ୍ରମରେ ଡିଜିଟାଲ୍ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଏବଂ ଆତ୍ମନିର୍ଭର ଭାରତକୁ ଉତ୍ସାହିତ କରିବା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବ । ବିଶେଷ କରି ସିକ୍ସ-ଜି ଇକୋ ସିଷ୍ଟମ୍, ସାଇବର ସୁରକ୍ଷା, ଉପଗ୍ରହ ଯୋଗାଯୋଗ, କୃତ୍ରିମ ବୁଦ୍ଧିମତା, ଇଣ୍ଟରନେଟ୍ ଅଫ୍ ଥିଙ୍ଗସ୍ ଓ ଟେଲିକମ୍ ଉତ୍ପାଦନ ଭଳି ବିଷୟ ଉପରେ ସମ୍ମିଳନୀରେ ଧ୍ୟାନ କେନ୍ଦ୍ରିତ କରାଯିବ । ଏହି ସମ୍ମିଳନୀରେ ଦେଢ଼ ଲକ୍ଷରୁ ଅଧିକ ପରିଦର୍ଶକ ଓ ୭ ହଜାରରୁ ଅଧିକ ବିଶ୍ୱସ୍ତରୀୟ ପ୍ରତିନିଧି ଯୋଗଦେବାର ଆକଳନ କରାଯାଇଛି ।

# ପିଏମ୍-ମୁମ୍ବାଇ ପ୍ରୋଜେକ୍ଟସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମୁମ୍ବାଇ ଠାରେ ବିବିଧ ବିକାଶ ମୂଳକ ପ୍ରକଳ୍ପର ଶୁଭାରମ୍ଭ କରିବେ । ଦେଶର ସର୍ବବୃହତ ଗ୍ରୀନ୍ ଫିଲ୍ଡ ବିମାନ ବନ୍ଦର ନୂତନ ନାଭି ମୁମ୍ବାଇ ଆନ୍ତର୍ଜାତିକ ବିମାନ ବନ୍ଦରର ପ୍ରଥମ ପର୍ଯ୍ୟାୟକୁ ଶ୍ରୀ ମୋଦୀ ଏହି ଅବସରରେ ଉଦ୍‌ଘାଟନ କରିବେ । ଏଥିଲାଗି ୧୯ ହଜାର ୬୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ।

ଭାରତକୁ ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ବିଶ୍ୱସ୍ତରରେ ଏକ ହବ୍ ରୂପେ ରୂପାନ୍ତରିତ କରିବାର ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣକୁ ସାକାର କରିବା ଦିଗରେ ଏହା ଏକ ବୃହତ ପଦକ୍ଷେପ । ଏହି ବିମାନ ବନ୍ଦର ମାଧ୍ୟମରେ ବର୍ଷକୁ ୯ କୋଟି ଯାତ୍ରୀ ଯାତାୟତ କରିବା ସହିତ ୩ ଦଶମିକ୍ ୨/୫ ମିଲିୟନ୍ ମେଟ୍ରିକ୍ ଟନ୍‌ର ଦ୍ରବ୍ୟ ପରିବହନ କରାଯାଇ ପାରିବ । ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ମୁମ୍ବାଇ ମେଟ୍ରୋ ତୃତୀୟ ଲାଇନ୍‌ର ଫେଜ୍-ଟୁ-ବି ର ମଧ୍ୟ ଶୁଭାରମ୍ଭ କରିବେ । ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଲାଗି ପ୍ରାୟ ୧୨ ହଜାର ୨୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି ।

ଏତଦ୍ ବ୍ୟତୀତ ଶ୍ରୀ ମୋଦୀ ୩୭ ହଜାର ୨୭୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ନିର୍ମିତ ମୁମ୍ବାଇ ମେଟ୍ରୋ ତୃତୀୟ ଲାଇନ୍‌କୁ ଦେଶ ଉଦ୍ଦେଶ୍ୟରେ ସମର୍ପିତ କରିବାର କାର୍ଯ୍ୟସୂଚୀ ରହିଛି । ଏହାଦ୍ୱାରା ମୁମ୍ବାଇ ସହରରେ

ଯାତାୟତ ସୁବିଧା ଅଧିକ ସୁଗମ ହୋଇପାରିବ । ପ୍ରଧାନମନ୍ତ୍ରୀ ଆଜି ଦେଶର ପ୍ରଥମ ସମନ୍ୱିତ ସାଧାରଣ ଗମନାଗମନ ଆପ୍ ମୁମ୍ବାଇ ୱାନ୍‌ର ମଧ୍ୟ ଆଜି ଶୁଭାରମ୍ଭ କରିବେ ।

## ୟୁକେ-ପିଏମ୍ ଭିଜିଟ୍

ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍‌ମର୍ ଆଜିଠାରୁ ଦୁଇଦିନିଆ ଭାରତ ଗସ୍ତରେ ଆସୁଛନ୍ତି । ଏହା ହେଉଛି ପ୍ରଧାନମନ୍ତ୍ରୀ ଷ୍ଟାର୍‌ମର୍‌ଙ୍କର ପ୍ରଥମ ସରକାରୀ ଭାରତ ଗସ୍ତ । ଏ ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବ୍ରିଟେନ୍ ପ୍ରତିପକ୍ଷଙ୍କ ସହିତ ଭିଜନ୍ ୨୦୩୫କୁ ସାକାର କରିବା ଉଦ୍ଦେଶ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଭାରତ-ବ୍ରିଟେନ୍ ସମନ୍ୱିତ ରଣନୈତିକ ଭାଗିଦାରୀର ଅଗ୍ରଗତି ସମ୍ପର୍କରେ ଆସନ୍ତାକାଲି ମୁମ୍ବାଇ ଠାରେ ସମୀକ୍ଷା କରିବେ ।

ବାଣିଜ୍ୟ ଓ ପୁଞ୍ଜିନିବେଶ, ବୈଷୟିକ ଜ୍ଞାନକୌଶଳ ଓ ନବସୃଜନତା, ପ୍ରତିରକ୍ଷା ଓ ସୁରକ୍ଷା, ଜଳବାୟୁ ପରିବର୍ତ୍ତନ ଓ ଶକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା ଓ ଜନସମ୍ପର୍କ ଭଳି ମୌଳିକ କ୍ଷେତ୍ରରେ ଭାଗିଦାରୀକୁ ଅଧିକ ସଶକ୍ତ କରିବା ଲାଗି ଆସନ୍ତା ୧୦ ବର୍ଷ ନିମନ୍ତେ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ । ଏହାଛଡ଼ା ଭାରତ-ବ୍ରିଟେନ୍ ସମନ୍ୱିତ ଅର୍ଥନୈତିକ ଓ ବାଣିଜ୍ୟ ଚୁକ୍ତିନାମା ଅଧୀନରେ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉଭୟ

ପ୍ରଧାନମନ୍ତ୍ରୀ ଅଗ୍ରଣୀ ବ୍ୟାବସାୟିକ ତଥା ଶିକ୍ଷାନୁଷ୍ଠାନର ପ୍ରତିନିଧିଙ୍କ ସହ କଥାବାର୍ତ୍ତା କରିବାର କାର୍ଯ୍ୟସୂଚୀ ରହିଛି । ଉଭୟ ନେତା ଏହି ଅବସରରେ ବିଭିନ୍ନ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ମତବିନିମୟ କରିବେ ।

ଏଥିସହିତ ଉଭୟ ପ୍ରଧାନମନ୍ତ୍ରୀ ସ୍ଥାନୀୟ ଜିଓ ୱାର୍ଲ୍ଡ କେନ୍ଦ୍ରରେ କୃତ୍ରିମ ବୁଦ୍ଧିମତା, ନବସୃଜନତା ଏବଂ ସମାବେଶୀ ଅର୍ଥ ବ୍ୟବସ୍ଥା ଉପରେ ଆୟୋଜିତ ଗ୍ଲୋବାଲ୍ ଫିନ୍‌ଟେକ୍ ଫେଷ୍ଟ ୨୦୨୫ରେ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

# ପିଏମ୍-କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, କେନ୍ଦ୍ର କ୍ୟାବିନେଟ୍ ଦ୍ୱାରା ଗତକାଲି ଅନୁମୋଦିତ ଚାରୋଟି ପ୍ରମୁଖ ରେଳ ପ୍ରକଳ୍ପ ଦ୍ୱାରା ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ଗୁଜରାଟ ଓ ଛତିଶଗଡ଼ବାସୀ ଉପକୃତ ହେବେ । ୨୪ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ଏହି ପ୍ରକଳ୍ପ ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ରେଳ ସଂଯୋଗୀକରଣ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହିତ ହଜାର ହଜାର ଗ୍ରାମବାସୀ ଉପକୃତ ହେବେ । ସାମାଜିକ

ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ସମ୍ପୃକ୍ତ ରେଳ ପ୍ରକଳ୍ପ ଦ୍ୱାରା ପି.ଏମ୍. ଗତିଶକ୍ତି ଅଧୀନରେ ଉଭୟ ଯାତ୍ରୀ ଓ ମାଲ ପରିବହନ ସୁଗମ ହୋଇପାରିବ । ଏତଦ୍‌ବ୍ୟତୀତ ଯାତ୍ରୀମାନଙ୍କୁ ଅଧିକ ସୁବିଧା ମିଳିବ ଏବଂ ନିଯୁକ୍ତି ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

## ଜିଏସ୍‌ଟି ରିଫର୍ମସ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଜି.ଏସ୍.ଟି. ବଚତ୍ ଉତ୍ସବ ଗତମାସ ୨୨ ତାରିଖରୁ ଦେଶ ବ୍ୟାପି କାର୍ଯ୍ୟକାରୀ ହୋଇଛି । ଆଗାମୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଉଦ୍ଦେଶ୍ୟରେ ଲାଗୁ କରାଯାଇଥିବା ଏହି ବ୍ୟବସ୍ଥା ଦ୍ୱାରା ଉପଭୋକ୍ତାଙ୍କ ନିକଟରେ ଏହାର ଲାଭ ସିଧାସଳଖ ପହଞ୍ଚିବ । ଏହି ପରିପ୍ରେକ୍ଷୀରେ ଜି.ଏସ୍.ଟି. ସଂସ୍କାର ମାଧ୍ୟମରେ ସିକ୍କିମ୍‌ର ଅର୍ଥ ବ୍ୟବସ୍ଥାକୁ କିପରି ପ୍ରୋତ୍ସାହନ ମିଳିବ ସେ ସମ୍ପର୍କରେ ଏକ ରିପୋର୍ଟ –

ସିକ୍କିମ୍‌ର ଅର୍ଥ ବ୍ୟବସ୍ଥାର ବିକାଶ ଲାଗି ପର୍ଯ୍ୟଟନ ଶିଳ୍ପର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ଶିଳ୍ପ ମଧ୍ୟରେ ବିଭିନ୍ନ ହୋଟେଲ,

ହୋମ୍‌ଷ୍ଟେ, ପରିବହନ ସଂସ୍ଥା, ଟ୍ୟାକ୍ସି ଅପରେଟର୍ ଓ ଗାଇଡ୍ ମାନଙ୍କର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ନୂତନ ଜି.ଏସ୍.ଟି. ଦର ଅନୁଯାୟୀ ଯେକୌଣସି ହୋଟେଲରେ ରହିବା ଲାଗି ରାତି ପିଛା ୭ ହଜାର ୫୦୦ ଟଙ୍କା ଉପରେ ଏଣିକି ମାତ୍ର ୫ ପ୍ରତିଶତ ଟିକସ ଲାଗିବ । ଏଥିସହିତ ଚାହା ଉପରେ ଟିକସ ଦରକୁ ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କରାଯାଇଛି । ଏହାଦ୍ୱାରା ସିକ୍କିମ୍‌ର ଟେମି ଓ ଅନ୍ୟାନ୍ୟ ଅଞ୍ଚଳର ଚାହା ଉତ୍ପାଦନକାରୀମାନେ ଉପକୃତ ହେବେ । ଟିକସ ଦର ହ୍ରାସ କରିବା ଦ୍ୱାରା ସିକ୍କିମ୍‌ର ଅର୍ଥନୈତିକ ବିବିଧତାକୁ ଅଧିକ ପ୍ରୋତ୍ସାହନ ମିଳିବା ସହିତ ଗ୍ରାମାଞ୍ଚଳରେ ମଧ୍ୟ ଏହାକୁ ଅଧିକ ଲୋକାଦୃତ କରାଯାଇ ପାରିବ । ଏହି ଜି.ଏସ୍.ଟି. ସଂସ୍କାର ଦ୍ୱାରା ରାଜ୍ୟର ଅର୍ଥନୀତି ତଥା ସାମଗ୍ରୀକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଆଶା କରାଯାଉଛି । ଆକାଶବାଣୀ ସମ୍ବାଦ ପାଇଁ ମୁଁ ରଶ୍ମିତା ଦାସ

# ବସ୍ ଆକ୍ସିଡେଣ୍ଟ

ହିମାଚଳ ପ୍ରଦେଶର ବିଳାଶପୁର ଜିଲ୍ଲା ଅନ୍ତର୍ଗତ ଝାନ୍ଦୁତା ଉପଖଣ୍ଡର ବାଲୁଘାଟ ଠାରେ ଭୂସ୍ଖଳନ ଯୋଗୁଁ ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୫ ଜଣଙ୍କର ମୃତ୍ୟୁ ହୋଇଛି ।  ମିଳିଥିବା ସୂଚନା ଅନୁଯାୟୀ ପ୍ରାୟ ୩୦ ଜଣ ଯାତ୍ରୀଙ୍କୁ ନେଇ ସମ୍ପୃକ୍ତ ବସ୍‌ଟି ମାରୋତାନ୍‌ରୁ ଘୁମାରୁଇନ୍‌କୁ ଯାଉଥିଲା । ତେବେ ସନ୍ଧ୍ୟାରେ ରାସ୍ତାରେ ଭୂସ୍ଖଳନ ଯୋଗୁଁ ବସ୍‌ଟି କ୍ଷତିଗ୍ରସ୍ତ ହୋଇଥିଲା । କେତେ ଜଣ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଆହତମାନଙ୍କୁ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି ଏବଂ ସମ୍ପୃକ୍ତ ସ୍ଥାନରେ ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ସୂଚନା ମିଳିଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏହି ଦୁର୍ଘଟଣା ଲାଗି ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାରବର୍ଗ ପ୍ରତି ସମବେଦନା ଜଣାଇଛନ୍ତି । ଏଥିସହିତ ଆହତଙ୍କର ଦ୍ରୁତ ଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ଏହି ବସ୍ ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ଆତ୍ମୀୟ ସ୍ୱଜନଙ୍କ ଲାଗି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବାକୁ ଘୋଷଣା କରିଛନ୍ତି ।

ମୁଖ୍ୟମନ୍ତ୍ରୀ ସୁଖବୀନ୍ଦର ସିଂହ ସୁଖୁ ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିବା ସହିତ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ନିଜେ ସିମଲାରୁ ରିଲିଫ୍ କାର୍ଯ୍ୟର ପ୍ରତ୍ୟକ୍ଷ ତଦାରଖ କରୁଛନ୍ତି ।

## ଗାଜା

ଯୁକ୍ତରାଷ୍ଟ୍ର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ଙ୍କର ଗାଜା ଶାନ୍ତି ପ୍ରସ୍ତାବ ଅନୁଯାୟୀ ଅସ୍ତ୍ରବିରତି ପ୍ରସଙ୍ଗକୁ ଚୂଡ଼ାନ୍ତ କରିବା ଉଦ୍ଦେଶ୍ୟରେ ଇଜିପ୍ଟର ଶାର୍ମ-ଏଲ୍-ଶେଖ୍ ଠାରେ ଦ୍ୱିତୀୟ ଦିନ ଧରି ଇସ୍ରାଏଲ୍ ଓ ହମାସ୍ ମଧ୍ୟରେ ପ୍ରରୋକ୍ଷ ଆଲୋଚନା ଜାରି ରହିଛି । ଟ୍ରମ୍ପ୍ଙ୍କର ସ୍ୱତନ୍ତ୍ର ଦୂତ ଷ୍ଟିଭ୍ ଓ୍ୱିଟ୍କଫ୍ ଏବଂ ବରିଷ୍ଠ ପରାମର୍ଶଦାତା ଜାରେଡ୍ କୁଷ୍ଣନର୍ଙ୍କ ସହିତ ଏକ ଆମେରିକୀୟ ପ୍ରତିନିଧି ଦଳ ଆଜି ଇଜିପ୍ଟରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି । କତାରର ପ୍ରଧାନମନ୍ତ୍ରୀ ଶେଖ୍ ମହମ୍ମଦ ବିନ୍ ଅବଦୁଲ୍ ରେହମାନ୍ ଆଲ୍ ଥାନି ଏବଂ ଇସ୍ରାଏଲ୍ର ରଣନୈତିକ ବ୍ୟାପାର ମନ୍ତ୍ରୀ ରନ୍ ଡର୍ମର୍ ମଧ୍ୟ ଏହି କଥାବାର୍ତ୍ତାରେ ସାମିଲ ହେବାର କାର୍ଯ୍ୟକ୍ରମ ରହିଛି ।

# କ୍ରିକେଟ୍

ଆଇ.ସି.ସି. ମହିଳା କ୍ରିକେଟ୍ ବିଶ୍ୱକପ୍‌ରେ ଗତକାଲି ରାତିରେ ଗୌହାଟୀ ଠାରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଇଂଲଣ୍ଡ ବାଂଲାଦେଶକୁ ୪ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଏହା ହେଉଛି ଇଂଲଣ୍ଡର ଚଳିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ବିଜୟ ଏବଂ ବାଂଲାଦେଶର ପ୍ରଥମ ପରାଜୟ । ଟସ୍ ଜିତି ଇଂଲଣ୍ଡ ପ୍ରଥମେ ବୋଲିଂ କରିବାର ନିଷ୍ପତ୍ତି ନେଇଥିଲା । ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ନିର୍ଦ୍ଧାରିତ ୫୦ ଓଭରରୁ ୨ଟି ବଲ୍ ବାକିଥାଇ ୧୭୮ରନ୍‌ରେ ଅଲ୍‌ଆଉଟ୍ ହୋଇଯାଥିଲା । ଦଳ ପକ୍ଷରୁ ସୋହାନା ମୁସ୍ତାରୀ ସର୍ବାଧିକ ୬୦ରନ୍ ଏବଂ ରବେୟା ଖାନ୍ ଅପରାଜିତ ୪୩ରନ୍ କରିଥିଲେ । ଇଂଲଣ୍ଡ ପକ୍ଷରୁ ସୋଫି ଏକ୍କ୍ଲେଷ୍ଟୋନ୍ ତିନୋଟି ଓ୍ୱିକେଟ୍ ଅକ୍ତିଆର କରିଛନ୍ତି । ୧୭୯ରନ୍‌ର ବିଜୟ ଲକ୍ଷ୍ୟ ପିଛା କରି ଇଂଲଣ୍ଡ ୪୬ ଓଭର ଗୋଟିଏ ବଲ୍‌ରେ ୬ ଓ୍ୱିକେଟ୍ ହରାଇ ୧୮୨ରନ୍ କରିଛି । ଦଳ ପକ୍ଷରୁ ହିଥର୍ ନାଇଟ୍ ସର୍ବାଧିକ ୭୯ରନ୍ କରିବା ସହ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି । ଆଜି କଲମ୍ବୋର ଆର୍. ପ୍ରେମଦାସା ଷ୍ଟାଡିୟମ୍ ଠାରେ ଅଷ୍ଟ୍ରେଲିଆ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଭାରତୀୟ ସମୟ ଅପରାହ୍ଣ ୩ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ ।